# NATIONAL NEWS BULLETIN (ODIA)

**16 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

## ରାଜନାଥ-ଭିଜିଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅପରେସନ ସିନ୍ଦୂରର ସଫଳତା ନେଇ ଭାରତୀୟ ବାୟୁସେନାକୁ ପ୍ରଶଂସା କରିଛନ୍ତି । ଶ୍ରୀ ସିଂ କହିଛନ୍ତି, ଦେଶ ଏବଂ ବିଦେଶରେ ଭାରତୀୟ ବାୟୁସେନା ଦେଶକୁ ଗର୍ବିତ କରିଛି । ଆଜି ଭୁଜ୍‌ସ୍ଥିତ ବାୟୁସେନା କେନ୍ଦ୍ରରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ସିଂ କହିଛନ୍ତି, ପାକିସ୍ତାନରେ ଗଢ଼ିଉଠିଥିବା ଆତଙ୍କୀ ଭିତ୍ତିଭୂମିକୁ ଦେଶର ବାୟୁସେନା ମାତ୍ର ୨୩ ମିନିଟ୍ ମଧ୍ୟରେ ଧ୍ୱଂସ କରିଥିଲା ।

**V/O**

**(Airforce Rajnath)**

ଆତଙ୍କବାଦ ଏବଂ ଆତଙ୍କବାଦ ସମର୍ଥିତ କାର୍ଯ୍ୟକଳାପକୁ ଭାରତୀୟ ସାମରିକ ଶକ୍ତି ଏବଂ ପ୍ରସ୍ତୁତି କିଭଳି ଭାବରେ ଦୃଢ଼ ଜବାବ ଦେଇପାରେ, ତାହା ସାରା ବିଶ୍ୱ ଦେଖିଲା । ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, କେବଳ ଯେ ସଶସ୍ତ୍ର ବାହିନୀ ଶତ୍ରୁମାନଙ୍କୁ ନିପାତ କରିଛି ତାହା ନୁହେଁ, ବରଂ ସେମାନଙ୍କର ମୂଳଢ଼ାଞ୍ଚାକୁ ଦୋହଲାଇ ଦେଇଛି ।

**V/O**

**(Bhuj Rajnath)**

## ୟୁଏନ୍ ଡବ୍ଲ୍ୟୁଇଏସ୍‌ପି ରିପୋର୍ଟ

ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ ଅର୍ଥନୀତି ବୋଲି ଜାତିସଂଘ କହିଛି । ଜାତିସଂଘର ବିଶ୍ୱ ଅର୍ଥନୈତିକ ସ୍ଥିତି ଏବଂ ସମ୍ଭାବନାର ମଧ୍ୟ ବାର୍ଷିକ ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ୬ ଦଶମିକ୍ ୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଇଛି ।

ଜାତିସଂଘର ବରିଷ୍ଠ ଅର୍ଥନୀତିଜ୍ଞ ଇନଗୋ ପିଟରଲେ କହିଛନ୍ତି, ସାର୍ବଜନୀନ ନିବେଶ ଏବଂ ଖର୍ଚ୍ଚ ଦ୍ୱାରା ଏହି ବୃଦ୍ଧି  ଘଟିବାର ସମ୍ଭାବନା ରହିଛି । ରିପୋର୍ଟ ଅନୁଯାୟୀ ଭାରତର ଅଭିବୃଦ୍ଧି ଆସନ୍ତା ବର୍ଷ ୬ ଦଶମିକ୍ ୪ ପ୍ରତିଶତ ପାଖାପାଖି ରହିବ । ୨୦୨୫ରେ ବିଶ୍ୱ ଅଭିବୃଦ୍ଧି ୨ ଦଶମିକ୍ ୪ ପ୍ରତିଶତ ବୃଦ୍ଧି ପାଇବା ନେଇ ଅନୁମାନ କରାଯାଇଛି, ଯାହା ଏକ ଦୁର୍ବଳ ମାନଦଣ୍ଡକୁ ସୂଚିତ କରୁଛି । ରିପୋର୍ଟରେ କୁହାଯାଇଛି, ୨୦୨୪ରୁ ୨୦୨୫ ପର୍ଯ୍ୟନ୍ତ ମୁଦ୍ରାସ୍ଫିତିହାର ୪ ଦଶମିକ୍ ୯ରୁ ୪ ଦଶମିକ୍ ୩କୁ ହ୍ରାସ ପାଇବ ।

## ପାକ୍-ଟେରର୍ ସ୍ପନ୍ସର୍

ଆତଙ୍କବାଦକୁ ସମର୍ଥନ କରିବା କ୍ଷେତ୍ରରେ ପାକିସ୍ତାନ ଆପଣାଉଥିବା ଭିନ୍ନ ଭିନ୍ନ ଉପାୟଗୁଡ଼ିକ ଉଜାଗର ହେବାରେ ଲାଗିଛି । ଆତଙ୍କବାଦୀ ଗୋଷ୍ଠୀ ଓ ସଂଗଠନକୁ ଆର୍ଥିକ ସହାୟତା ଯୋଗାଇଦେବା ନେଇ ପ୍ରମାଣଯୋଗ୍ୟ ତଥ୍ୟ ମଧ୍ୟ ମିଳିପାରିଛି । ଏକ ବ୍ରିଟିଶ ନିଉଜ୍ ଚ୍ୟାନେଲ୍‌କୁ ସାକ୍ଷାତକାର ଦେଇ ପାକିସ୍ତାନ ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ୍ କହିଛନ୍ତି, ପାକିସ୍ତାନ ଗତ ତିନିଦଶନ୍ଧି ହେବ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସମସ୍ତ ସହାୟତା ଯୋଗାଇ ଦେଉଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ପ୍ରତିରକ୍ଷାମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପ୍ରମାଣ କରୁଛି ଯେ

ଆଞ୍ଚଳିକ ଅସ୍ଥିରତା ସୃଷ୍ଟି କରିବା ଦିଗରେ ପାକିସ୍ତାନର ପ୍ରମୁଖ ଭୂମିକା ରହିଛି ।

ବିଶ୍ୱରେ କୂଟନୈତିକ ସ୍ତରରେ ପାକିସ୍ତାନ ଧୀରେଧୀରେ ଅଲଗା ହେବାକୁ ବସିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଏବଂ ପାକ୍ ଅଧିକୃତ ଜାମ୍ମୁ କାଶ୍ମୀରର ୯ଟି ଆତଙ୍କୀ ଶିବିର ଉପରେ ଅପରେସନ ସିନ୍ଦୂରରେ ଭାରତର ଆକ୍ରମଣ ପରେ ପାକିସ୍ତାନର ବାସ୍ତବତା ସାରା ବିଶ୍ୱ ଜାଣିପାରିଛି । ଲସ୍କର-ଏ-ତୈୟବା ଏବଂ ଜୈଶେ ମହମ୍ମଦ ଭଳି ଆତଙ୍କୀ ଗୋଷ୍ଠୀଗୁଡ଼ିକର ଭିତ୍ତିଭୂମିକୁ ଭାରତୀୟ ସଶସ୍ତ୍ର ବାହିନୀ ନଷ୍ଟ କରିବା ଏବଂ ପାକିସ୍ତାନର ପାରମ୍ପରିକ ବନ୍ଧୁରାଷ୍ଟ୍ର କୁହାଯାଉଥିବା ସାଉଦିଆରବ, ୟୁଏଇ ଏବଂ ଚୀନ୍ ଏହି କାର୍ଯ୍ୟରେ ସହାୟତା କରି ନାହାନ୍ତି । ଜାତିସଂଘର ସୁରକ୍ଷା ପରିଷଦ ମଧ୍ୟ ପାକିସ୍ତାନର ଆତଙ୍କବାଦୀ ଗୋଷ୍ଠୀକୁ ସମର୍ଥନ ନେଇ ଉଦ୍‌ବେଗ ପ୍ରକାଶ କରିଛି ।

## ଜାମିଆ-ତୁର୍କୀ ଏମ୍‌ଓୟୁ

ଅନେକଗୁଡ଼ିଏ ଭାରତୀୟ ବିଶ୍ୱବିଦ୍ୟାଳୟ ତୁର୍କୀର ଶିକ୍ଷାନୁଷ୍ଠାନ ସହ ବୁଝାମଣାପତ୍ର ବାତିଲ କରିଛନ୍ତି। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ଦିଲ୍ଲୀସ୍ଥିତ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ' ତୁର୍କୀ ସରକାରଙ୍କ ଅଧୀନସ୍ଥ ସମସ୍ତ ଶିକ୍ଷାନୁଷ୍ଠାନ ସହ ହୋଇଥିବା ବୁଝାମଣା ତୁରନ୍ତ ବାତିଲ କରିବା ଲାଗି ଘୋଷଣା କରିଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜାମିଆ ପକ୍ଷରୁ କୁହାଯାଇଛି, ଏହା ଦେଶ ସହ ଏକ ହୋଇ ରହିଛି ।

ଅନ୍ୟପକ୍ଷରେ ହାଇଦ୍ରାବାଦସ୍ଥିତ ମୌଲାନା ଆଜାଦ ରାଷ୍ଟ୍ରୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ ମଧ୍ୟ ତୁର୍କୀର ୟୁନୁସ୍ ଏମେର୍ ପ୍ରତିଷ୍ଠାନ ସହ ବୁଝାମଣାପତ୍ର ବାତିଲ କରିଛି ।

ପୂର୍ବରୁ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ ବୁଝାମଣା ବାତିଲ କରିଥିଲା । ଅପରେସନ ସିନ୍ଦୂର ସମୟରେ ପାକିସ୍ତାନକୁ ତୁର୍କୀ ସମର୍ଥନ ଯୋଗାଇବା ବିଷୟ ସ୍ପଷ୍ଟ ହେବା ପରେ ଭାରତ ତୁର୍କୀର ସମସ୍ତ ଉତ୍ପାଦ ଓ ପର୍ଯ୍ୟଟନଶିଳ୍ପକୁ ବୟକଟ କରିଛି । ଏ ସଂପର୍କରେ ଏକ ରିପୋର୍ଟ:

**V/O**

**(Priyanka Arora)**

---

## ନିରବ ମୋଦି ବେଲ୍ ରିଜିକ୍ଟେଡ୍

ଲଣ୍ଡନ ସ୍ଥିତ ଏକ କୋର୍ଟ୍ ପଳାତକ ଘୋଷିତ ନିରବ ମୋଦିଙ୍କ ନୂଆ ଜାମିନ୍ ଆବେଦନକୁ ଅଗ୍ରାହ୍ୟ କରିଛନ୍ତି । ଗତକାଲି ଏହି ବେଲ୍ ପିଟିସ୍ ପ୍ରତ୍ୟାଖ୍ୟାନ କରାଯାଇଥିବା ସୂଚନା ମିଳିଛି । ଭାରତର ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ୍‌ରୁ ୧୩ ହଜାର କୋଟି ଟଙ୍କାର ଠକେଇ କରିଥିବା ନିରବ ମୋଦି ଏବଂ ତାଙ୍କ ସମ୍ପର୍କୀୟ ମେହୁଲ ଚୋକ୍‌ସି ଲଣ୍ଡନରେ ଜେଲ୍‌ରେ ଅଛନ୍ତି । ଗତକାଲି ନିରବ ମୋଦି ସେଠାକାର ଏକ କୋର୍ଟ୍‌ରେ ଭାରତକୁ ପ୍ରତ୍ୟର୍ପଣ ଲାଗି ବେଲ୍ ଆବେଦନର ବିଚାର ପାଇଁ ଅନୁରୋଧ କରିଥିଲେ । ବେଲ୍ ଆବେଦନକୁ ଭାରତର ସି.ବି.ଆଇ. ପକ୍ଷରୁ ଲଢୁଥିବା ଓକିଲ ତୀବ୍ର ବିରୋଧ କରିଥିଲେ ।

---

## ଫ୍ୟାକ୍ଟ ଚେକ୍-ପାକ୍ ଏୟାରଫୋର୍ସ

ଅପରେସନ ସିନ୍ଦୂରରେ ପାକିସ୍ତାନ ବାୟୁସେନାର ପ୍ରବଳ କ୍ଷୟକ୍ଷତି ସତ୍ତ୍ୱେ ଏବେ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଫଟୋଚିତ୍ର ଓ ବାର୍ତ୍ତା ପ୍ରଚାର କରି ନିଜ

ବାୟୁସେନାକୁ ଆକାଶର ରାଜା ବୋଲି ପାକିସ୍ତାନ ପ୍ରଚାର କରୁଛି । ଅପରେସନ ସିନ୍ଦୂରରେ ପାକିସ୍ତାନ ବାୟୁସେନା ଓ ବାୟୁସେନାର ବିମାନକୁ ଭାରତୀୟ ବାୟୁସେନା କଡ଼ା ଜବାବ ଦେଇଥିଲା । ତେବେ ଆଜି ଲଣ୍ଡନରୁ ପ୍ରକାଶ ପାଉଥିବା 'ଦ ଡେଲି ଟେଲିଗ୍ରାଫ୍' ଖବରକାଗଜର ଏକ ସମ୍ବାଦ ଓ ଫଟୋକୁ ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରି ପାକିସ୍ତାନ ପ୍ରଶଂସା ସାଉଣ୍ଟିବାକୁ ଚେଷ୍ଟା କରୁଛି । ପରୀକ୍ଷା ନିରୀକ୍ଷା ପରେ ଜଣାପଡ଼ିଛି ଯେ ଦୈନିକ ସମ୍ବାଦପତ୍ର 'ଦ ଟେଲିଗ୍ରାଫ୍'ରେ ଏପରି କୌଣସି ଫଟୋଚିତ୍ର ବା ସମ୍ବାଦ ପ୍ରକାଶ ପାଇନାହିଁ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଫଟୋଟି କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି କରାଯାଇଛି ।

---

# ସ୍ପେଶାଲ ଫିଚର-ପରମବୀରଚକ୍ର

ଆତଙ୍କବାଦ ବିରୁଦ୍ଧରେ ଅପରେସନ ସିନ୍ଦୂରର ସଫଳତା ପରେ ସାରା ଦେଶ ଭାରତୀୟ ସେନାର ବୀରତ୍ୱ ଏବଂ ସାହସ ପ୍ରତି ସମ୍ମାନ ପ୍ରଦର୍ଶନ କରୁଛି । ସଶସ୍ତ୍ର ବାହିନୀ ପ୍ରତି ସମ୍ମାନ ସ୍ୱରୂପ ଆକାଶବାଣୀ ସମାଚାର ବିଭାଗ ପକ୍ଷରୁ ଏକ ବିଶେଷ ଫିଚର ଉପସ୍ଥାପନା କରାଯାଉଛି । ଏହି କ୍ରମରେ ଆଜି ପରମବୀରଚକ୍ର ବିଜେତା କ୍ୟାପ୍‌ଟେନ୍ ମନୋଜ କୁମାର ପାଣ୍ଡେଙ୍କ ସଂପର୍କରେ ଆସନ୍ତୁ ଜାଣିବା । କ୍ୟାପ୍‌ଟେନ ପାଣ୍ଡେ କାର୍ଗିଲ୍ ଯୁଦ୍ଧ ସମୟରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ ।

ଉତ୍ତରପ୍ରଦେଶର ସୀତାପୁର ଜିଲ୍ଲାର ଅଧିବାସୀ କ୍ୟାପ୍‌ଟେନ୍ ମନୋଜ କୁମାର ପାଣ୍ଡେ ଜାତୀୟ ପ୍ରତିରକ୍ଷା ଏକାଡେମୀ ଏବଂ ଭାରତୀୟ ସାମରିକ ଏକାଡେମୀରେ ଯୋଗଦେବା ପରେ ଏକାଦଶ ଗୋର୍ଖା ରାଇଫଲ୍‌ସର ପ୍ରଥମ ବାଟାଲିୟନରେ ଲେଫ୍ଟନାଣ୍ଟ ଭାବେ କାର୍ଯ୍ୟ ଆରମ୍ଭ

କରିଥିଲେ । ସେ ତାଙ୍କ କ୍ୟାରିୟର୍‌ରେ ଅନେକଗୁଡ଼ିଏ ସାହସିକ ପ୍ରଦର୍ଶନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ । ସେ କହିଥିଲେ, ଯଦି ମୋ ସାମ୍‌ନାକୁ ମରଣ ବି ଆସେ, ମୁଁ ତାକୁ ହତ୍ୟା କରିବାକୁ ପଛାଇବି ନାହିଁ ।

୧୯୯୯ ମସିହା ଜୁଲାଇ ୨ ଏବଂ ୩ ତାରିଖ ରାତିରେ କ୍ୟାପ୍ଟେନ ପାଣ୍ଡେଙ୍କ ଟିମ୍ ଖଲୁବର ଅଞ୍ଚଳକୁ ଅଗ୍ରସର ହୋଇଥିଲେ । ଶତ୍ରୁପକ୍ଷରୁ ପ୍ରବଳ ଗୁଳିଚାଳନା ସତ୍ତ୍ୱେ ସେ ପ୍ରଥମ ପଏଣ୍ଟ ଦଖଲ କରିଥିଲେ । ଶତ୍ରୁପକ୍ଷକୁ କଡ଼ା ଜବାବ ଦେଇ ସେ ୪ଜଣ ଶତ୍ରୁ ସୈନିକଙ୍କୁ ନିପାତ କରିବା ସହ ଦ୍ୱିତୀୟ ପଏଣ୍ଟ ମଧ୍ୟ ଦଖଲ କରିବାରେ ସଫଳ ହୋଇଥିଲେ । ସେତେବେଳକୁ କ୍ୟାପ୍ଟେନ ପାଣ୍ଡେଙ୍କ କାନ୍ଧ ଓ ଗୋଡ଼ରେ ଗୁଳି ବାଜିବା ଫଳରେ ସେ ଆହତ ହୋଇଥିଲେ । ତେବେ ଦେଶ ପାଇଁ ସର୍ବୋଚ୍ଚ ସାହସୀକ ପ୍ରଦର୍ଶନ କରି ଚତୁର୍ଥ ପଏଣ୍ଟ ଅକ୍ତିଆର କରିଥିଲେ ଏବଂ ଆହତ ଅବସ୍ଥାରେ ମଧ ଗ୍ରେନେଡ୍ ପରିଚାଳନା କରିଥିଲେ । ଏବଂ ଶେଷରେ ଖଲୁବର ଅଞ୍ଚଳ ଦଖଲ କରିଥିଲେ ।

ଭାରତୀୟ ସାମରିକ ଇତିହାସରେ ଲେଫ୍ଟନାଣ୍ଟ ମନୋଜ କୁମାର ପାଣ୍ଡେଙ୍କ ଅଦମ୍ୟ ସାହସ ଏବଂ ସର୍ବୋଚ୍ଚ ପ୍ରଦର୍ଶନକୁ ଆଜି ମଧ୍ୟ ସ୍ମରଣ କରାଯାଏ । ଏଥିପାଇଁ ତାଙ୍କୁ ଦେଶର ସର୍ବୋଚ୍ଚ ସାମରିକ ସମ୍ମାନ 'ପରମବୀର ଚକ୍ର' ପ୍ରଦାନ କରାଯାଇଥିଲା ।

## ହୁ-ପୋଲିଓ

ପପୁଆ ନିଉଗିନିରେ ପୋଲିଓ ବ୍ୟାପୁଥିବାରୁ ତୁରନ୍ତ ଟିକାକରଣ ଆରମ୍ଭ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆହ୍ୱାନ ଦେଇଛି ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ପପୁଆ ନିଉଗିନିର ତଟବର୍ତ୍ତୀ ଅଞ୍ଚଳରେ ସୁସ୍ଥ ଶିଶୁଙ୍କ ଦେହରେ ଅତ୍ୟଧିକ ସଂକ୍ରମଣ ସୃଷ୍ଟି କରୁଥିବା ପୋଲିଓ ଭୂତାଣୁ ଠାବ କରାଯାଇଛି । ବିଶେଷକରି ପୋଲିଓ ଭାଇରସ୍ ଦ୍ୱାରା ସଂକ୍ରମିତ ବ୍ୟକ୍ତିର ଶ୍ୱାସକ୍ରିୟା ଏବଂ ଶ୍ୱାସକ୍ରିୟା ସହ ସମ୍ପର୍କିତ ଅନ୍ୟ କେତେକ ବିପଜ୍ଜନକ ରୋଗ ସୃଷ୍ଟି ହୋଇଥାଏ । ୫ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଏହା ଅଧିକ ଆକ୍ରାନ୍ତ କରିଥାଏ ।

ବିଶ୍ୱରୁ ପୋଲିଓର ମୂଳୋତ୍ପାଟନ ପାଇଁ ଉଦ୍ୟମ କରାଯାଉଥିବା ବେଳେ ପପୁଆ ନିଉଗିନି ସମେତ ଅନ୍ୟ କେତେକ ଅଞ୍ଚଳରେ ପୋଲିଓ ସଂକ୍ରମଣ ଜାରି ରହିଛି । ସୂଚନାଯୋଗ୍ୟ ୨୦୦୦ ମସିହାରେ ପପୁଆ ନିଉଗିନିକୁ ପୋଲିଓ ମୁକ୍ତ ଘୋଷଣା କରାଯାଇଥିଲେ ମଧ୍ୟ ୨୦୧୮ରେ ପୁଣି ପୋଲିଓ ସଂକ୍ରମଣ ଦେଖାଦେବା ଚିନ୍ତାଜନକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ।

---